# ଭୋଟରଙ୍କ ପାଇଁ ସୂଚନା

## ଦୋହରା ଭୋଟର ଫଟୋ ପରିଚୟ ପତ୍ର ପ୍ରଦାନ କାର୍ଯ୍ୟକ୍ରମ

## (୦୧ ଜୁଲାଇ - ୧୨ ଜୁଲାଇ, ୨୦୧୧)

ଯଦି ଆପଣଙ୍କର ଭୋଟର ପରିଚୟ ପତ୍ର ହଜିଯାଇଛି / ନଷ୍ଟ ହୋଇଯାଇଛି, ତେବେ ଆପଣ ନିର୍ଦ୍ଧାରିତ ଫର୍ମ (EPIC-001C) ରେ ଦରଖାସ୍ତ ସହ **ଟ ୨୫/- (ପଚିଶ ଟଙ୍କା)** ଫିସ୍ ସଂପୃକ୍ତ ବି.ଏଲ୍.ଓଙ୍କ ଠାରେ ତା.୦୧.୦୭.୨୦୧୧ ରୁ ତା.୧୨.୦୭.୨୦୧୧ରିଖ ମଧ୍ୟରେ ଦାଖଲ କଲେ, ଆପଣଙ୍କୁ ଦୋହରା ଭୋଟର ପରିଚୟ ପତ୍ର ମିଳିପାରିବ ।

ଯଦି ଭୋଟର ପରିଚୟ ପତ୍ରରେ ଭୁଲ ଫଟୋ ଲାଗିଛି କିମ୍ବା ଆପଣଙ୍କ ନାମ, ସଂପର୍କୀୟଙ୍କ ନାମ / ପ୍ରକାର, ଲିଙ୍ଗ, ବୟସ ଭୁଲ ଭାବେ ମୁଦ୍ରିତ ହୋଇଛି, ତେବେ ଆପଣ ଦସ୍ତାବିଜ୍ ସାକ୍ଷ୍ୟ ଏବଂ **ତୃଟିଯୁକ୍ତ ଭୋଟର ପରିଚୟ ପତ୍ରର ଜେରକ୍ସ ନକଲ** ସହ ନିର୍ଦ୍ଧାରିତ ଫର୍ମ (EPIC-001C) ରେ ଦରଖାସ୍ତ ସଂପୃକ୍ତ ବି.ଏଲ୍.ଓଙ୍କ ନିକଟରେ ଉପରୋକ୍ତ ସମୟ ମଧ୍ୟରେ ଦାଖଲ କଲେ ଆପଣଙ୍କୁ **ବିନାମୁଲ୍ୟରେ** ସଂଶୋଧିତ ଭୋଟର ପରିଚୟ ପତ୍ର ଯୋଗାଇ ଦିଆଯିବ ।

ଦୋହରା / ସଂଶୋଧିତ ଭୋଟର ପରିଚୟ ପତ୍ର ପାଇବା ନିମନ୍ତେ ସଂପୃକ୍ତ ବି.ଏଲ୍..ଓଙ୍କୁ ୦୧ ଅଗଷ୍ଟ - ୦୮ ଅଗଷ୍ଟ, ୨୦୧୧ ରିଖ ମଧ୍ୟରେ ଯୋଗାଯୋଗ କରନ୍ତୁ । **ସଂଶୋଧିତ ଭୋଟର ପରିଚୟ ପତ୍ର ଗ୍ରହଣ କରିବା ବେଳେ, ପୂର୍ବରୁ ପାଇଥିବା ତୃଟିଯୁକ୍ତ ଭୋଟର ପରିଚୟ ପତ୍ରଟି ଫେରସ୍ତ ଦେବେ ।**

ଯଦି ଭୋଟର ତାଲିକାରେ ଆପଣଙ୍କର ଫଟୋ ନାହିଁ, ତେବେ ଆପଣ ନିର୍ଦ୍ଧାରିତ ଫର୍ମ (EPIC-001B) ରେ ଦରଖାସ୍ତ ସହ ଆପଣଙ୍କର ଦୁଇଟି ପାସପୋର୍ଟ ସାଇଜର ଫଟୋଗ୍ରାଫ ଦାଖଲ କରନ୍ତୁ ।

*ଆପଣ ମୋବାଇଲ୍ ଫୋନ୍‌ରେ ଆପଣଙ୍କ **EPIC** ନମ୍ବର ଟାଇପ୍ କରି **87-630-11111** ନମ୍ବରକୁ **SMS** କଲେ ଆପଣଙ୍କର ଭୋଟ ଗ୍ରହଣ କେନ୍ଦ୍ରର ନମ୍ବର ଏବଂ ଭୋଟର ତାଲିକାରେ ଆପଣଙ୍କ କ୍ରମିକ ସଂଖ୍ୟା ଜାଣିପାରିବେ ।*

*ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍ ସାଇଟ୍ **www.ceoorissa.nic.in** ରେ **search** କରି ଭୋଟର ଲିଷ୍ଟରୁ ଆପଣଙ୍କ ନାମ ପାଇପାରିବେ ।*

*ଏସଂପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ କିମ୍ବା କୌଣସି ଆପତ୍ତି / ଅଭିଯୋଗ ଜଣାଇବାକୁ ହେଲେ ନିଃଶୁଳ୍କ ନମ୍ବର **18003456734** କୁ ଫୋନ୍ କରନ୍ତୁ ।*

**ଜାଣିରଖନ୍ତୁ :-**

- ☛ ଏକାଧିକ ସ୍ଥାନରେ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବା ଏକ ଦଣ୍ଡନୀୟ ଅପରାଧ ।
- ☛ ଏକାଧିକ ସ୍ଥାନରେ ଭୋଟର ତାଲିକାରେ ନାମ ପଞ୍ଜିକୃତ ହୋଇଥିଲେ ନିଜେ ସାଧାରଣ ଭାବେ ବାସ କରୁଥିବା ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରୁ ବାଦ୍ ଦେବା ନିମନ୍ତେ ଫର୍ମ-୭ରେ ସଂପୃକ୍ତ ଭୋଟ ଗ୍ରହଣ କେନ୍ଦ୍ରରେ / ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ନିକଟରେ ଦରଖାସ୍ତ କରନ୍ତୁ ।
- ☛ ଆପଣଙ୍କ ପାଖରେ ଯଦି ଏକାଧିକ ଭୋଟର ପରିଚୟ ପତ୍ର ଅଛି, ତେବେ ଆପଣ ସାଧାରଣ ଭାବେ ବାସ କରୁଥିବା ସ୍ଥାନରେ ମିଳିଥିବା ପରିଚୟ ପତ୍ରଟି ରଖି ଅନ୍ୟଟି / ଅନ୍ୟ ଗୁଡିକୁ ସଂପୃକ୍ତ ଭୋଟ ଗ୍ରହଣ କେନ୍ଦ୍ରରେ ଫେରସ୍ତ ଦିଅନ୍ତୁ ।

**ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା**